# ୫ ଦିନ ହେଲା ଏନ୍‌ଏସିର ବିଭିନ୍ନ କେନ୍ଦ୍ର ବନ୍ଦ

## ୫ନଂ.ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିବାଦ

ବୁଗୁଡ଼ା,୧୬।୯(ଡି.ଏନ.ଏ.)

ସମ୍ପ୍ରତି ବୁଗୁଡ଼ା ଏନ୍‌ଏସି ଅଧୀନ ୫ନଂ ୱାର୍ଡର ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ସହାୟିକାଙ୍କ ବିବାଦ ଲାଗି ରହିଛି । ଏ ନେଇ ୫ ଦିନ ହେଲା ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିବା ବେଳେ ଏଥିରେ ସ୍ଥାନୀୟ ପ୍ରଶାସନ ଏବଂ ଅଙ୍ଗନୱାଡି କର୍ମୀ ସଂଘର ଭୂମିକାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ବିବାଦ ବହୁ ପୁରୁଣା ହୋଇଥିଲେ ବି ପ୍ରଶାସନିକ ଅପାରଗତା ଯୋଗୁ ଅଦ୍ୟାବଧି ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ପାରୁ ନାହିଁ । ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ୧୮ ଅଙ୍ଗନୱାଡି କେନ୍ଦ୍ରରୁ ଅନେକ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ସେଥିରୁ କେତେକ କେନ୍ଦ୍ର ନିକଟସ୍ଥ ବିଦ୍ୟାଳୟଗୁଡିକରେ ଚାଲୁଛି ଏବଂ ଆଉ କେତେକ କେନ୍ଦ୍ର ଅଙ୍ଗନୱାଡି କର୍ମୀ କିମ୍ବା ସହାୟିକାଙ୍କ ଘରେ ଚାଲୁଛି । ତେବେ ୱାର୍ଡ ନଂ ୫ର ଅଙ୍ଗନୱାଡି କେନ୍ଦ୍ର ସମ୍ପୃକ୍ତ କର୍ମୀଙ୍କ ଘରେ ଗତ ୨୦୦୯ରୁ ଚାଲି ଆସୁଥିବା ବେଳେ କିଛି ମାସ ହେବ କର୍ମୀ ଓ ସହାୟିକାଙ୍କ ମଧ୍ୟରେ କୌଣସି କାରଣରୁ ମନାନ୍ତର ଘଟି ବିବାଦର ସୂତ୍ରପାତ ଘଟିଥିଲା । ଏହାପରେ କିଛି ଦିନ ପାଇଁ ମୁଖ୍ୟ ସଡ଼କ ବିଦ୍ୟାଳୟକୁ ଅଙ୍ଗନୱାଡି କେନ୍ଦ୍ରଟି ସ୍ଥାନାନ୍ତର ହୋଇଥିଲେ ହେଁ ମୁଖ୍ୟ ରାସ୍ତା ପାର ହୋଇଯିବାକୁ ଶିଶୁମାନଙ୍କର ଅଭିଭାବକମାନେ ଏଥିରେ ଅସହମତ ହେବାରୁ ପରବର୍ତ୍ତୀ ସମୟରେ ପୁଣି ସେହି ଅଙ୍ଗନୱାଡି କର୍ମୀଙ୍କ ଘରକୁ କେନ୍ଦ୍ର ଫେରି ଯାଇଥିଲା ବେଳେ ଏହାକୁ ବିରୋଧ କରି ସହାୟିକା ଜଣକ କର୍ମୀଙ୍କ ଘରକୁ ନ ଯାଇ ସ୍କୁଲରେ ଆସି ବସିବା ସହ ମାସିକ ପ୍ରାପ୍ୟ ହାସଲ କରୁଥିଲେ । ଏନେଇ ସହାୟିକା ଜଣକ ଅଙ୍ଗନୱାଡି କର୍ମୀ ସଂଘର ସହାୟତା ଲୋଡିବା ପରେ ଏଥିରେ ହସ୍ତକ୍ଷେପ କରି ସଂଘ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ବିବାଦର ସମାଧାନ ପାଇଁ ପ୍ରଶାସନକୁ ନିବେଦନ କରିବା ସହ ଅନ୍ୟଥା ସେମାନେ କେନ୍ଦ୍ରଗୁଡିକୁ ବନ୍ଦ କରିବା ଲାଗି ଚେତାବନୀ ଦେଇଥିଲେ । ତେବେ ପ୍ରଶାସନର ଉଦାସୀନତା ଯୋଗୁ ବିବାଦର ସମାଧାନ ହୋଇ ପାରି ନ ଥିଲା ବେଳେ ସଂଘ ସହ ଜଡିତ ନ ଥିବା କେତେକ ଅଙ୍ଗନୱାଡି କର୍ମୀଙ୍କ ବ୍ୟତୀତ ଅନ୍ୟ ସମସ୍ତ କର୍ମୀ ସେମାନଙ୍କ କେନ୍ଦ୍ରଗୁଡିକୁ ଗତ ୧୨ ତାରିଖରୁ ବନ୍ଦ ରଖିଛନ୍ତି । ତେଣୁ ଏହି ଅଭାବନୀୟ ପରିସ୍ଥିତିର ଦୂରୀକରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଏ ପ୍ରକାର ପ୍ରହସନକୁ ବନ୍ଦ କରିବା ଲାଗି ସାଧାରଣରେ ଦାବି ହେଉଛି ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ



ସରପଞ୍ଚ ଜଣେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି ।

ଆସିକା,୧୬।୯(ଡି.ଏନ୍.ଏ.)

ଆସିକା ତହସିଲ ଅନ୍ତର୍ଗତ କେନ୍ଦୁପଦର ପଞ୍ଚାୟତରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲିକ, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଲେଙ୍କା, ଅରୁଣାରାଣୀ ଆଚାରୀ, ବରିଷ୍ଠ ସହାୟକ ଯୁଗଳକୃଷ୍ଣ ବେହେରା, କୃଷ୍ଣଚନ୍ଦ୍ର ଡାକୁଆ, ତୋଫାନ ଗୌଡ, ଏ. ମହେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୧୩ ଜଣଙ୍କୁ ପଟ୍ଟା ବଣ୍ଟନ, ୧୦ଜଣଙ୍କ ଠାରୁ ଇ-ପାଉତି ମାଧ୍ୟମରେ ଖଜଣା ସଂଗ୍ରହ, ୨୫ଜଣ କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀଙ୍କ ନଥିପତ୍ର ଯାଞ୍ଚ କରାଯାଇଥିଲା । ସେହିଭଳି ଦାଖଲ ଖାରଜ ମାମଲା, ଘରବାରି ପଟ୍ଟା, ଗ୍ରାମ କଣ୍ଟକ ପଟ୍ଟା, ବିବିଧ ପ୍ରମାଣପତ୍ର, ବେବନ୍ଦୋବସ୍ତ, ଜବରଦଖଲ ମାମଲାର ଅଭିଯୋଗ ଶୁଣାଣି ସହ ବସୁନ୍ଧରା ଯୋଜନା ଓ ଅନ୍ୟାନ୍ୟ ସରକାରୀ ସହାୟତା ସମ୍ପର୍କରେ ଶୁଣାଣି କରାଯାଇଥିଲା ।

# ଗୋରୁ ଚମଡ଼ା ଚାଲାଣ ଘଟଣା, ବଜରଙ୍ଗ ଦଳର ଆଲୋଚନା

ଆର.ଉଦୟଗିରି,୧୬।୯(ଡି.ଏନ.ଏ.): ଆର.ଉଦୟଗିରିରେ ଗୋରୁ ଚାଲାଣ ବୋଝେଇ ଘଟଣାକୁ ନେଇ ବଜରଙ୍ଗ ଦଳ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ହୋଇଥିଲା । ୧୩ରେ ଆର.ଉଦୟଗିରି ଗ୍ରାମ ବଜରଙ୍ଗ ଦଳ ତରଫରୁ ନୂଆଗଡ ବ୍ଲକର ଭ୍ରମରପୁର ଗାଁରୁ ଭୁବନେଶ୍ୱର ଯାଉଥିବା ଏକ ଗୋରୁ ଚମଡା ଟ୍ରକ୍ ଅଟକାଇ ପୋଲିସକୁ ହସ୍ତାନ୍ତର କରାଯାଇଥିଲା । ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନା ବୈଠକରେ ବିଡିଓ ଲଚ୍ଛିମନ ଖର୍ସେଲ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ରାଜେଶ କୁମାର ମହାପାତ୍ର, ବୁଦ୍ଧିଜୀବୀ ମାଣିକ ପାଇକ, ଶିବରାମ ପାତ୍ର ଓ ଗ୍ରାମର ବଜରଙ୍ଗୀ ଦଳ ସଦସ୍ୟ ପ୍ରମୁଖଙ୍କୁ ନେଇ ଆଲୋଚନା ହୋଇଥିଲା । ଚମଡା ଚାଲାଣ କାର୍ଯ୍ୟ ବାରମ୍ବାର ହେଉଥିବାରୁ ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଜରଙ୍ଗ ଦଳ ଦାବି କରିଥିଲେ । ନୂଆଗଡ ପଞ୍ଚାୟତ ତରଫରୁ ଚମଡା ଚାଲାଣ ପାଇଁ ବିଲ କଟାଯାଇଥିବାରୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଭଦ୍ରକର ଟ୍ରକ୍ ମାଲିକଙ୍କୁ ଆସିବା ପାଇଁ ଖବର ଦିଆଯାଇଛି । ହୋଇଥିଲା ।

# ଚର୍ମରୋଗରେ ଗାଈ ମୃତ୍ୟୁ ଆଶଙ୍କା

ଭଞ୍ଜନଗର,୧୬।୯(ଡି.ଏନ.ଏ)

ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ କେତେକ ରାଜ୍ୟରେ ବର୍ତ୍ତମାନ ଗୋରୁଙ୍କୁ ଲୁମ୍ପି ଚର୍ମ ରୋଗ ହେଉଛି । ଏଥିରେ ବହୁ ଗାଈ, ବାଛୁରୀ ମରିଯାଉଛନ୍ତି । ଆନ୍ଧ୍ରପ୍ରଦେଶରେ ଗୋରୁଙ୍କୁ ଏହି ରୋଗ ହେଉଥିବା ବେଳେ ପଡ଼ୋଶୀ ଗଞ୍ଜାମ ଜିଲାରେ ମଧ୍ୟ ଏହା ହେବା ଆଶଙ୍କା ରହିଛି । ଜଗନ୍ନାଥପ୍ରସାଦ ବ୍ଲକ ଦୁବରେ ରହୁଥିବା ରାଜ୍ୟର ଅଗ୍ରଣୀ ଚାଷୀ ସୁଶାନ୍ତ ପ୍ରଧାନଙ୍କ ଗତ ଦୁଇ ଦିନରେ ୨ଟି ଗାଈ ମୃତ୍ୟୁ ହୋଇଛି । ଗତ ଗୁରୁବାର ଏକ ଗାଈ ଅସୁସ୍ଥ ହେବାରୁ ସୁଶାନ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ହେଲେ ଗାଈକୁ କେହି ଦେଖିବାକୁ ଆସି ନଥିଲେ । ଆବଶ୍ୟକ ଚିକିତ୍ସା ନ ପାଇବାରୁ ଗାଈ ମୃତ୍ୟୁ ଘଟିଥିଲା । ପରେ ଏକାଧିକ ଅଧିକାରୀ ଆସି ତଦନ୍ତ କରିଛନ୍ତି । ଚାଷୀ ସୁଶାନ୍ତ କହିଛନ୍ତି, ଗାଈର କେଉଁ ରୋଗରେ ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ । ବର୍ତ୍ତମାନ ଲୁମ୍ପି ରୋଗ ଚାରିଆଡ଼େ ବ୍ୟାପୁଛି । ଅଞ୍ଚଳର ଆଉ କେତେକ ଗାଈ ଏହିଭଳି ହଠାତ୍ ଅସୁସ୍ଥ ହେବା ପରେ ମରୁଛନ୍ତି । ଏନେଇ ଭଞ୍ଜନଗର ଏସ୍‌ଡିଭିଓ ପିକେ ନାୟକ କହିଛନ୍ତି, ଭଞ୍ଜନଗର ଉପଖଣ୍ଡରେ ଲୁମ୍ପି ଚର୍ମ ରୋଗରେ କୌଣସି ଗାଈ ମରିନାହିଁ । ଆନ୍ଧ୍ରପ୍ରଦେଶରୁ ଆମ ରାଜ୍ୟକୁ ବର୍ତ୍ତମାନ ଉକ୍ତ ରୋଗ ଆସିବା ସମ୍ଭାବନା ରହିଛି । ତେଣୁ ପ୍ରଶାସନ ପକ୍ଷରୁ ରାଜ୍ୟ ସୀମାରେ ସମସ୍ତ ଆଗୁଆ ପଦକ୍ଷେପ ନିଆଯାଉଛି । କର୍ମଚାରୀ ଅଭାବ ଯୋଗୁ ସେବା ଯୋଗାଇବାରେ ଅସୁବିଧା ହେଉଛି । ତଥାପି ଯଥାସମ୍ଭବ ସେବା ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଛି ।

# ମାନବ ଅଧିକାର କାର୍ଯ୍ୟାଳୟ ଦ୍ୱାରସ୍ଥ ନିର୍ଯାତିତା

ପାରଳାଖେମୁଣ୍ଡି,୧୬।୯(ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକର ଜଣେ ନିର୍ଯାତିତା ମହିଳା ନ୍ୟାୟ ପାଇଁ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ମହିଳା ଜଣକ ପାରଳାଖେମୁଣ୍ଡି ସହରରେ ବିବାହ କରିଥିବା ଏହି ମହିଳା ଜଣକ ଦୀର୍ଘ ୧୨ବର୍ଷ ହେଲା ସ୍ୱାମୀ ଓ ଶାଶୁଙ୍କ ନିର୍ଯାତନା ସହି ଆସୁଥିବା ଏବଂ ବୈବାହିକ ଜୀବନ ଅଶାନ୍ତିରେ କଟିଥିବା ମାନବାଧିକାର କର୍ମୀଙ୍କୁ ଜଣାଇଛନ୍ତି । ମହିଳା ଜଣକ ଦୁଇ ସନ୍ତାନଙ୍କୁ ଧରି ଏବେ ବାପଘରେ ରହୁଛନ୍ତି । ପୂର୍ବରୁ ନ୍ୟାୟ ପାଇଁ ଏକାଧିକ ସଂସ୍ଥାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି । ତେଣୁ ମହିଳା ଜଣକ ଅନ୍ୟ ଉପାୟ ନ ପାଇ ପାରଳାଖେମୁଣ୍ଡି ଠାରେ ଥିବା ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାର ସଭାନେତ୍ରୀ ତନୁଜା ଶତପଥୀଙ୍କୁ ଲିଖିତ ଜଣାଇ ନ୍ୟାୟ ଭିକ୍ଷା କରିଥିଲେ । ସମସ୍ତ ଅଭିଯୋଗ ଶୁଣିବା ପରେ ଅନ୍ତର୍ଜାତୀୟ ମାନବଧିକାର ସଂସ୍ଥା ନ୍ୟାୟ ପ୍ରଦାନ ପାଇଁ ଲଢିବ ବୋଲି ପ୍ରତିଶ୍ରୁତି ଦେଇଛି ।







# କଳାଦିବସ ପାଳିଲେ ଅଧ୍ୟାପକ, କର୍ମଚାରୀ

ଆସିକା,୧୬।୯(ଡି.ଏନ.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ପରିଚାଳନା କମିଟି ଅଧୀନରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ଗୁରୁବାର କଳାଦିବସ ପାଳନ କରିଛନ୍ତି । ଏହି କର୍ମଚାରୀମାନେ କଳା ବ୍ୟାଜ ପରିଧାନ ସହ ମଧ୍ୟାହ୍ନ ଭୋଜନ ବିରତି ପରେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୨୦୦୮ ପରବର୍ତ୍ତି ଅବସ୍ଥାରେ ନିଯୁକ୍ତି ପାଇ ପରିଚାଳନା କମିଟି ଠାରୁ ଦରମା ପାଉଥିବା ଏହି ଅଧ୍ୟାପକ ଓ କର୍ମଚାରୀଙ୍କ ଚାକିରୀ ଏ ଯାଏ ନିୟମିତ ପାଇଁ ପଦକ୍ଷେପ ନିଆଯାଉନାହିଁ । ସ୍ୱଳ୍ପ ଦରମାରେ ଏହି କର୍ମଚାରୀମାନେ ଅଧ୍ୟାପନା ଓ ଅଫିସ ପରିଚାଳନା ସାଙ୍ଗକୁ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କାର୍ଯ୍ୟ ତୁଲାଇବାରେ କୌଣସି ଅବହେଳା କରିନାହାନ୍ତି । ଏଭଳି ପରିସ୍ଥିତିରେ ଦୀର୍ଘଦିନ ଧରି ଏହି କର୍ମଚାରୀଙ୍କୁ ନିୟମିତ କର୍ମଚାରୀଙ୍କ ମାନ୍ୟତା ସହ ବିଧିବଦ୍ଧ ଦରମା ଲାଗି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଏହି ଦାବିକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି । ହିନ୍ଦୀ ଅଧ୍ୟାପକ ରାଜେଶ କୁମାର ସାହୁ ଓ ପ୍ରଯୁକ୍ତି ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ କଲେଜରେ କାର୍ଯ୍ୟରତ ୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ବିକ୍ଷୋଭରେ ସାମିଲ ଥିଲେ ।

# ୨୦ କେଜି ଗଞ୍ଜେଇ ଜବତ

ଆର.ଉଦୟଗିରି,୧୬।୯(ଡି.ଏନ.ଏ.):ଆର.ଉଦୟଗିରି ଥାନା ପୋଲିସ ଗୁରୁବାର କାନ୍ଦୁଲ ସାହି ଛକଠାରେ ଏକ ବାଇକ୍‌ରୁ ୨୦ କେଜି ଗଞ୍ଜେଇ ଜବତ କରିଛି । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବାଇକ୍‌କୁ ସନ୍ଦେହରେ ଅଟକାଇଥିଲା । ବାଇକ୍ ଚାଳକ ପୋଲିସକୁ ଦେଖି କିଛି ଦୂରରେ ବାଇକ୍ ଛାଡି ଦୌଡି ପଳାଇଥିଲା । ଏହାପରେ କର୍ମଚାରୀମାନେ ବାଇକକୁ ଯାଞ୍ଚ କରିବାରୁ ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖିଥିଲେ । ବାଇକ୍ ସହ ଉକ୍ତ ଗଞ୍ଜେଇକୁ ପୋଲିସ ଜବତ କରିଥିଲା । ଆର.ଉଦୟଗିରି ଅତିରିକ୍ତ ତହସିଲଦାର ରାଜେଶ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଓଜନ କରିବାରୁ ୨୦ କେଜି ଥିବା ଜଣାପଡ଼ିଥିଲା । ଏନେଇ ଆର.ଉଦୟଗିରି ଥାନାରେ ନଂ.୧୧୨/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି ।




























# ଗିରିଧାରୀ ନଗର ସାହି ଜଳାର୍ଣ୍ଣବ

ଗଞ୍ଜାମ,୧୬।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଗିରିଧାରୀ ନଗର ସାହି ଜଳାର୍ଣ୍ଣବ ହୋଇପଡିଛି । ସ୍ୱଳ୍ପ ବୃଷ୍ଟି ହେଲେ ମଧ୍ୟ ସାହିରୁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ମୁଖ୍ୟରାସ୍ତାରେ ଜମି ରହୁଛି । ଫଳରେ ଉକ୍ତ ରାସ୍ତା ଦେଇ ଯିବା ଆସିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି । ଯାହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି । ଉକ୍ତ ରାସ୍ତା ପାର୍ଶ୍ୱରେ ଏକ ଡ୍ରେନ୍ ରହିଥିଲେ ମଧ୍ୟ ତାହା ଦୀର୍ଘ ବର୍ଷ ହେବ ପୋତି ହୋଇ ରହିଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଫଳରେ ଉକ୍ତ ସାହିରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସିତ ହୋଇପାରୁନଥିବା ଦେଖିବାକୁ ମିଳିଛି । ଏପରିକି ବାଇକ ଓ ସାଇକେଲ ଯିବା ଆସିବା ସମୟରେ ପାଣି ଛିଟିକା ମାରି ଲୋକଙ୍କ ଉପରେ ପଡୁଥିବା ଅଭିଯୋଗ ହେଉଛି । ଏନେଇ ପଞ୍ଚାୟତ ପକ୍ଷରୁ ଏହାର ଦୀର୍ଘ ସ୍ଥାୟୀ ସୁବ୍ୟବସ୍ଥା କରିବା ନେଇ ପଦକ୍ଷେପ ନେବାକୁ ଦୃଢ଼ ଦାବି ହେଉଛି ।







See Career Appointment on every
Wednesday & Saturday

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ଗଞ୍ଜେଇ ସହ କାର ଜବତ, ୨ ଗିରଫ



କୋଟଗଡ/ବାଲିଗୁଡା୧୬ା୯(ଡି.ଏନ.ଏ.)- କନ୍ଧମାଳ ଜିଲା ଅନ୍ତର୍ଗତ ବାଲିଗୁଡ଼ା ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ୨ଟି ପୃଥକ୍ ପୃଥକ୍ ଜାଗାରେ ଚଢ଼ାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ କାର ଓ ବାଇକ୍ ଜବତ କରିଛି। କନ୍ଧମାଳ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ପାଟ୍ରୋଲିଂ ବେଳେ ବାଲିଗୁଡା ଥାନା ଅଞ୍ଚଳ ଲଣ୍ଡାଗାଁ ଛକଠାରେ ଗୋଟିଏ ନମ୍ବର ବିହୀନ କାର ସହ ୯୦ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ପରମେଶର ରଣା। ଗ୍ରାମ କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସିଟୁ ପାଲି ଗ୍ରାମରେ।
ସେହିପରି ଦାରିଙ୍ଗବାଡି ସିମନବାଡି ଛକରୁ ଏକ ବାଇକ୍, ୧୦ କେଜି ଗଞ୍ଜେଇ ସହ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ରାମ ବଚନ କଶ୍ୟପ। ଘର ଛତିଶଗଡରେ। ଉଭୟ ସ୍ଥାନରୁ ମୋଟ ୧ କୁଇଣ୍ଟାଲ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ହେବ ବୋଲି ଅବକାରୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା କହିଛନ୍ତି। ଏ ନେଇ ଗିରଫ ୨ ଜଣକ ନାମରେ ରାଇକିଆ ଅବକାରୀ ବିଭାଗ ନମ୍ବର ୭୨/୨୨ ଓ ବାଲିଗୁଡ଼ା ଅବକାରୀ ବିଭାଗ ୩୩/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

### ହତ୍ୟା ଉଦ୍ୟମ ମାମଲା, ବାପା-ପୁଅ ଜେଲ ଗଲେ

ଦିଗପହଣ୍ଡି,୧୬ା୯(ଡି.ଏନ.ଏ.): ଦିଗପହଣ୍ଡି ଥାନା ମହୁଡ଼ା ଗ୍ରାମର ଝଡ଼ିଆ ନାହାକ ଏବଂ ତାଙ୍କ ପୁଅ ବଳିଆ ନାହାକଙ୍କୁ ପୋଲିସ ଶୁକ୍ରବାର କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୩୨୭/୨୨ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଗତ ଗୁରୁବାର ରାତି ପ୍ରାୟ ୮ ଟାରେ ଅଭିଯୁକ୍ତ ବାପା ପୁଅ ଦୁହେଁ ଗ୍ରାମର ଉପରସାହିରେ ଜଣଙ୍କର ଘରେ ପଶି ତାଙ୍କ ୨ ଝିଅଙ୍କୁ ଟଣାଓଟରା କରିବାସହ ଅସଦାଚରଣ କରିଥିଲେ। ଖବର ପାଇ ସମ୍ପର୍କୀୟ ବଳିଆ ପ୍ରଧାନ ଏବଂ କାଳିଆ ପ୍ରଧାନ ଆସି ଘଟଣା ପଚାରିବାରୁ ଏକ ଛୁରିରେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। କାଳିଆଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଟଙ୍କା କରଜକୁ କେନ୍ଦ୍ରକରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

### ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୧୬ା୯(ଡି.ଏନ.ଏ.)- ପୋଲସରାର ମିଡ଼ିଆ ହାଉସ ପକ୍ଷରୁ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୋଲସରାର ପୂର୍ବତନ ତହସିଲଦାର ଦିଲ୍ଲୀପ କୁମାର ନାୟକଙ୍କ ନିଶ୍ଚିତକୋଇଲି ତହସିଲଦାର ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଗଜପତି ଜିଲା ଗୁମ୍ମାର ତହସିଲଦାର ଥିବା ଭାସ୍କର ଚନ୍ଦ୍ର ସାହୁଙ୍କୁ ପୋଲସରା ତହସିଲଦାର ଭାବେ କାର୍ଯ୍ୟଭାର ଦାୟିତ୍ୱ ଦିଆଯାଇଛି। ଏନେଇ କାର୍ଯ୍ୟାଳୟ ପରିସରରେ ପୋଲସରା ବିଡ଼ିଓ କୈଳାଶ ଚନ୍ଦ୍ର ମୁର୍ମୁଙ୍କ ଅଧକ୍ଷତାରେ ଏକ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ପୋଲସରା ମିଡ଼ିଆ ପକ୍ଷରୁ ପୁଷ୍ପଗୁଛ ଦେଇ ନବାଗତ ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ସାମାଜିକ କର୍ମୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୬ା୯

ବ୍ରହ୍ମପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟଠାରୁ ଆନ୍ଧ୍ର ମାର୍କେଟ ରାସ୍ତା ନିର୍ମାଣ ପାଇଁ ସମାଜିକକର୍ମୀ ବିନୋଦ ସାବତ ସିଟି ହାଇସ୍କୁଲ ଖେଳ ପଡିଆ ସମ୍ମୁଖରେ ଶୁକ୍ରବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେ କହିଛନ୍ତି, ଏହି ରାସ୍ତା କାର୍ଯ୍ୟ ନିମନ୍ତେ ବାରମ୍ବାର ଟେଣ୍ଡର ହେଉଛି କିନ୍ତୁ କୌଣସି କାର୍ଯ୍ୟ କରାଯାଉ ନାହିଁ। ଏପରିକି ଉକ୍ତ ରାସ୍ତା କାର୍ଯ୍ୟ ନିମନ୍ତେ କୌଣସି ଠିକାଦାର ରାଜି ହେଉ ନ ଥିବା ବେଳେ ବର୍ତ୍ତମାନ ପୁନଃ ଟେଣ୍ଡର କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ କାର୍ଯ୍ୟ କେବେ ଆରମ୍ଭ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ଏଣୁ ରାସ୍ତା କାର୍ଯ୍ୟ ଆରମ୍ଭ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ବିନୋଦ ସାବତ କହିଛନ୍ତି।
ସୂଚନାଯୋଗ୍ୟ, ଫାଇଲିନ ପରେ ସହରର ଉନ୍ନତୀକରଣ ନିମନ୍ତେ ୨୦୧୪ରେ ଓଡିଆରପି ଯୋଜନାରେ ବଜେଟ ପ୍ରସ୍ତୁତ ହୋଇଥିଲା। ଏଥିମଧ୍ୟରୁ ୪୪ କୋଟି ଟଙ୍କା ବ୍ୟୟରେ ଡାଇମଣ୍ଡ ଟ୍ୟାଙ୍କ ଛକଠାରୁ ସିଟି ହାଇସ୍କୁଲ ପଡିଆ ରାସ୍ତା, ପ୍ରେମ ନଗର ମୁଖ୍ୟ ରାସ୍ତା, ହାଉସିଂ ବୋର୍ଡ ଛକ, ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତାଠାରୁ ଆନ୍ଧ୍ର ବଜାର ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ରହିଥିଲା। ପୂର୍ତ୍ତ ବିଭାଗକୁ ରାସ୍ତା କାର୍ଯ୍ୟ ନିମନ୍ତେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ପକ୍ଷରୁ ୨୮ କୋଟି ୪୦ ଲକ୍ଷ ୩୫ ହଜାର ବ୍ୟୟ ଅଟକଳକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତ ମେ ୬ତାରିଖରେ ଅନୁମୋଦନ ଦେଇଥିଲେ। ଏହାପରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିପାଇଁ ୨ଟି ଠିକା ସଂସ୍ଥା ଆବେଦନ କରିଥିଲେ। କିନ୍ତୁ ବୈଷୟିକ ମାପ ଦଣ୍ଡରେ ଅଯୋଗ୍ୟ ହେବା କାରଣରୁ ୨ଟି ଠିକା ସଂସ୍ଥାର ଆବେଦନ ବାତିଲ ହୋଇଥିଲା। ଏହାପରେ ପୁନଃ ଟେଣ୍ଡର କରାଯାଇଥିଲା। ଗତ ଅଗଷ୍ଟ ୬ରେ ଟେଣ୍ଡର ଖୋଲାଯାଇଥିଲା। ଏଥିରେ ୪ଟି ଠିକା ସଂସ୍ଥା ଆବେଦନ କରିଥିବା ବେଳେ ପୁରୀର ଏକ ଠିକା ସଂସ୍ଥା ରାସ୍ତା ନିର୍ମାଣ କାର୍ଯ୍ୟ ନେଇଥିବା ସୂଚନା ମିଳିଛି। କିନ୍ତୁ ଏ ଯାଏଁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନ ଥିବା କାରଣରୁ ସ୍ଥାନୀୟ ବାସିନ୍ଦାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।



ରାସ୍ତା ପାର୍ଶ୍ୱରେ ସାମାଜିକ କର୍ମୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଛନ୍ତି।

**ସବ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟଠାରୁ ଆନ୍ଧ୍ର ମାର୍କେଟ ରାସ୍ତା ନିର୍ମାଣ**

# ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୬ା୯



**ନାବାଳିକାଙ୍କ ବେକରେ ଛୁରି ରଖି ଟଙ୍କା ଲୁଟ ଘଟଣା**

ଗତ ୮ ତାରିଖରେ ଜଣେ ଚପଲ ବ୍ୟବସାୟୀଙ୍କ ଘରେ ପଶି ତାଙ୍କ ଭାଣିଜୀଙ୍କ ବେକରେ ଛୁରି ଲଗାଇ ୯୦ହଜାର ଟଙ୍କା ଲୁଟ୍ ହୋଇଥିଲା। ଅଭିଯୋଗ ପରେ ଟାଉନ ଥାନା ପୋଲିସ ମୋବାଇଲ ଟ୍ରାକିଂ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଖାଜା ସାହିର ଇବ୍ରାହିମ ସରିଫ(୨୭)। ଏହି ଘଟଣାରେ ଇବ୍ରାହିମଙ୍କ ଜଣେ ସହଯୋଗୀ ରହିଥିବା ଜଣାପଡିଛି। ସେ ଫେରାର ଅଛନ୍ତି। ଅଭିଯୁକ୍ତ ଇବ୍ରାହିମ ମଧ୍ୟ ଜଣେ ଚପଲ ବ୍ୟବସାୟୀ। ପୋଲିସ ତାଙ୍କ ଠାରୁ ୩୨ ହଜାର ଟଙ୍କା ଓ ଘଟଣା ବେଳେ ବ୍ୟବହୃତ ଏକ ଛୁରି ଜବତ କରିଥିବା କହିଛି। ମାମଲା ନମ୍ବର ୨୫୧/୨୨ ରେ ଇବ୍ରାହିମଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ପ୍ରକାଶଯେ, ଟାଉନ ଥାନା ଅନ୍ତର୍ଗତ ଖାଜା ସାହିରେ ରହୁଥିବା ଏମ୍. ରସିଦ ଜଣେ ଚପଲ ବ୍ୟବସାୟୀ। ଘରର ତଳ ମହଲାରେ ତାଙ୍କର ଚପଲ ଦୋକାନ ରହିଥିବା ବେଳେ ଉପରେ ମହଲାରେ ତାଙ୍କ ମା'ଓ ଭାଣିଜୀ ଏମ. ବେଗମ ରୁହନ୍ତି। ଗତ ୮ତାରିଖରେ ରସିଦ ତାଙ୍କ ଚପଲ ଦୋକାନ ଖୋଲିବା ପରେ ପଛପଟେ ଥିବା ଗୋଦାମକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ଜଣେ ମୁଖା ପିନ୍ଧା ଯୁବକ ଘରେ ପଶି ତାଙ୍କ ଭାଣିଜୀ ବେକରେ ଛୁରି ଲଗାଇ ଘରର ଏକ ଆଲମୀରାରେ ଥିବା ୯୦ ହଜାର ଟଙ୍କା ଲୁଟି ନେଇଥିଲା। ଏନେଇ ରସିଦ ଥାନାରେ ଅଭିଯୋଗ କରିଥିଲେ।

# ମୁକ୍ତା ଯୋଜନାରେ ନିର୍ମିତ ନୂତନ ପାର୍କ ଉଦ୍‌ଘାଟିତ


ଅତିଥିଙ୍କ ଦ୍ୱାରା ପାର୍କ ଉଦଘାଟନ।

ବ୍ରହ୍ମପୁର ଅଫିସ,୧୬ା୯

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରରେ ଥିବା ବିଭିନ୍ନ ଖୋଲା ସ୍ଥାନଗୁଡିକରେ ଶିଶୁ ଉଦ୍ୟାନ ଓ ପାର୍କନିର୍ମାଣ କରାଯାଇଛି। ଏଥିସହ ମୁକ୍ତା ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ମର୍ମରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ ବାସଭବନ ପାର୍ଶ୍ୱରେ ଥିବା ଏକ ଖୋଲା ସ୍ଥାନରେ ବିଏମ୍‌ସି ପକ୍ଷରୁ ନୂତନ ପାର୍କ ନିର୍ମାଣ କରାଯାଇଛି। ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଛି। ଏହି ପାର୍କରେ ୱାଟର ଫାଉଣ୍ଟେନ ସାଙ୍ଗକୁ ବୁଦ୍ଧ ଓ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ଖୋଲା ଜିମ୍ ଓ ଛୋଟ ଶିଶୁଙ୍କ ନିମନ୍ତେ ଖେଳଣା ସାମଗ୍ରୀ ଉପଲବ୍ଧ ରହିଛି। ଏହି ପାର୍କକୁ ଶୁକ୍ରବାର ଦକ୍ଷିଣାଞ୍ଚଳ ଆରଡିସି ଟି. ଆଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।
ସୂଚନାଯୋଗ୍ୟ, ଏହି ପାର୍କଟି ବିଏମ୍‌ସି ପକ୍ଷରୁ ମୁକ୍ତା ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହାର ନିର୍ମାଣ କାର୍ଯ୍ୟରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଥିଲେ। ଏହି ପାର୍କରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏଥିସହ ବ୍ୟାୟାମ ନିମନ୍ତେ ଜିମ୍ ଉପକରଣ ଓ ଛୋଟ ଶିଶୁଙ୍କ ନିମନ୍ତେ ଖେଳଣା ସାମଗ୍ରୀ ରହିଛି। ଯାହାଦ୍ୱାରା ଛୋଟ ଶିଶୁ ସାଙ୍ଗକୁ ସ୍ଥାନୀୟ ବାସିନ୍ଦା ମଧ୍ୟ ଉପକୃତ ହେବେ ବୋଲି ମେୟର ସଂଘମିତ୍ରା ଦଳେଇ କହିଛନ୍ତି। ଏଥିସହ ଉକ୍ତ ପାର୍କକୁ ରକ୍ଷଣାବେକ୍ଷଣ କରାଯିବ। ଆଗାମୀ ଦିନରେ ସହରର ଅନ୍ୟ ଖୋଲା ସ୍ଥାନରେ ମଧ୍ୟ ଏଭଳି ପଦକ୍ଷେପ ଗ୍ରହଣ କରାଯିବ। ଏହି ପାର୍କଟି ମହାପୁରୁଷଙ୍କ ନାମରେ ନାମିତ କରାଯିବ ବୋଲି ମେୟର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମ୍‌ସି କମିଶନର ଜେ.ସୋନାଲ, ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢୀ, ଜେଇଇ ସୁଚିସ୍ମିତା ପୁହାଣ, ୩୨ ନଂ. ୱାର୍ଡ କର୍ପୋରେଟର ବି.ପୁଷ୍ପାବତୀ, ୨୮ ନଂ. ୱାର୍ଡ କର୍ପୋରେଟର ପାର୍ବତୀ ପ୍ରଧାନ, ୨୯ ନଂ. ୱାର୍ଡ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ, ୩୫ ନଂ. ୱାର୍ଡ କର୍ପୋରେଟର ସମୀର ମିଶ୍ର, ବିଜେଡି ମହିଳା ରାଜ୍ୟ ସମ୍ପାଦକ ମମତା ବିଶୋୟୀ, ପୂର୍ବତନ କର୍ପୋରେଟର ବି.ଶ୍ରୀନିବାସ ଓ ମଧୁସ୍ମିତା ମାଝିଙ୍କ ସମେତ ବିଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଦୋକାନରୁ ଦେଢ଼ ଲକ୍ଷ ଟଙ୍କା, ମୋବାଇଲ ଫୋନ ଚୋରି

ବ୍ରହ୍ମପୁର ଅଫିସ,୧୬ା୯

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ରେଡ୍ଡୀ ଗ୍ୟାରେଜ ନିକଟରେ ଥିବା ଏକ ବ୍ୟାଟେରୀ ଦୋକାନରୁ ଲକ୍ଷାଧିକ ଟଙ୍କା ଓ ମୋବାଇଲ ଫୋନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ.ରେ ୨୫୬/୨୨ ରେ ଏକ ମାମଲା ରୁଜୁ କରିଛି। ଲୁଟିଆଙ୍କୁ କାବୁ କରିବା ପାଇଁ ସେମାନେ ଚୋରି କରି ନେଇଥିବା ମୋବାଇଲ ଓ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ଏବେ ତଦନ୍ତ କରୁଥିବା କହିଛି।
ପ୍ରକାଶ ଯେ, ପଞ୍ଚାନନ ରାଉତ ଆସ୍କାରୋଡ ରେଡ୍ଡୀ ଗ୍ୟାରେଜ ନିକଟରେ ଏସ୍‌ଏଫ ବେଟେରୀ ନାମକ ଏକ ଦୋକାନ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସେଠାରେ କାମ କରୁଥିବା କର୍ମଚାରୀମାନେ ନିକଟରେ ଥିବା ଏକ ଗୋଦାମରୁ କେତେକ ବ୍ୟାଟେରୀ ଆଣିବାକୁ ଯାଇଥିଲେ। ଏହି ସମୟରେ ଦୋକାନ କାଉଣ୍ଟରରେ ଥିବା ୧ଲକ୍ଷ ୫୦ହଜାର ଟଙ୍କା ଓ ଗୋଟିଏ ମୋବାଇଲ କେହି ଚୋରି କରି ନେଇଯାଇଥିଲେ। ଏକଥା ମାଲିକ ଜାଣିବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସାଧାରଣ ବୈଠକ


ବୈଠକରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର ଅଫିସ,୧୬ା୯

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ସାଧାରଣ ବୈଠକ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ରାଧା ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଡା. ପ୍ରାଣଚାନ୍ଦ ପଣ୍ଡା ଯୋଗ ଦେଇଥିଲେ। ମଞ୍ଚ ଉପସଭାପତି ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ ବେଦ ପାଠ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ବାର୍ଷିକ ଉତ୍ସବର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ଅସହାୟ ବୟୋବୃଦ୍ଧ ମହିଳା ଓ ପୁରୁଷଙ୍କୁ ପୋଲିସ ପ୍ରଶାସନ ଅନୁସନ୍ଧାନ କରି ପରିଚୟପତ୍ର ପ୍ରଦାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଯୋଗ ଓ ପ୍ରାଣାୟାମ ସହ ଦିନଚର୍ଯ୍ୟା ସନ୍ତୁଳିତ କରିବା ଆବଶ୍ୟକ, ଫଳରେ ସ୍ୱାସ୍ଥ୍ୟ ରକ୍ଷା ହୋଇପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେବର୍ତ୍ତା, ଲଡୁକେଶ ମିଶ୍ର, ଶ୍ୟାମ ପ୍ରସାଦ ପାଢ଼ୀ, ଇ.ଦିଲେଶ୍ୱ ରେଡ୍ଡୀ, ସୁବାସ ଚନ୍ଦ୍ର ସୁବୁଦ୍ଧି, ରାମକୃଷ୍ଣ ଆଚାରୀ, ପୀତାମ୍ବର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୁତ୍ତପୁରଠାରେ ଏଏନ୍‌ଏମ୍ ସେଣ୍ଟର ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଖଲ୍ଲିକୋଟ,୧୬ା୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କଞ୍ଚନା ପଞ୍ଚାୟତ ପୁତ୍ତପୁର ଗ୍ରାମରେ ଶୁକ୍ରବାର ଏଏନଏମ୍ ସେଣ୍ଟରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ୩୫ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଏଏନ୍‌ଏମ୍ ସେଣ୍ଟର ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ଏବଂ ଶକ୍ତିପୀଠ ମା ନାରାୟଣୀ ମନ୍ଦିରର ଉନ୍ନତି ଲାଗି ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଖୁଣ୍ଟିଆ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପ୍ରଥମେ ମନ୍ତ୍ରୀଙ୍କୁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଉପାଧ୍ୟକ୍ଷ ଭାରତୀ ମହାରଣା, ଏମ୍‌ପି ପ୍ରତିନିଧି ରତ୍ନାକର ସାହୁ, ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଖୁଣ୍ଟିଆ, ମହିଳା ସଭାପତି ମିତାଞ୍ଜଳି ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ପୂର୍ବତନ ନଗରପାଳ ରାମମୋହନ ପଣ୍ଡା, ବ୍ଲକ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ପାତ୍ର, ଏଇ ଛନ୍ଦାଶ୍ରୀ, କୈରାଶିର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ, ଗୋଷ୍ଠୀ ପ୍ରଦୀପ କୁମାର ଗନ୍ତାୟତ, କଞ୍ଚନା ସରପଞ୍ଚ ଚିତ୍ରସେନ ଘୋଷ, ମଥୁରା ସରପଞ୍ଚ ମେହେମନ୍ତ ସେଠୀ ଏବଂ ବହୁ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରମ୍ଭା,୧୬ା୯

ଖଲ୍ଲିକୋଟ ବ୍ଲକର ସାବୁଲିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଏବ ସରପଞ୍ଚ ମୋହିନୀ ଦଳାଇ ସଭାପତିତ୍ୱ କରିଥିବା ବେଳେ ସାବୁଲିଆ ଯାଞ୍ଚ କମିଟି ତଥା ଅବସରପ୍ରାପ୍ତ ଉଦ୍ୟାନ ବିଭାଗ କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ସାବୁଲିଆ ସେକ୍ଟର ସୁପରଭାଇଜର ବିଜୟ ଲକ୍ଷ୍ମୀ ପାତ୍ର ସମ୍ମାନୀତ ଅତିଥି ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଶିଶୁ ଚାଲାଣ ରୋକିବା, କନ୍ୟା ଭ୍ରୁଣ ହତ୍ୟା, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା, ବାଲ୍ୟ ବିବାହ ଓ ଅନୁଷ୍ଠାନ ପ୍ରତିଷ୍ଠାନଗୁଡ଼ିକରେ ଶିଶୁ ବିମୁକ୍ତ ଗଠନ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ନବଜାତ ଶିଶୁଙ୍କୁ ପୋଷାକ ପରିଧାନ କରି ବନ୍ଦାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପରୋକ୍ତ ପଞ୍ଚାୟତର ୮ ଅଙ୍ଗନୱାଡି କର୍ମୀ କଳ୍ପନା ପଣ୍ଡା, ସନ୍ଧ୍ୟାରାଣୀ ପଣ୍ଡା, ଉଷାରକ୍ଷଣୀ ଗୌଡ଼, ଆଶାକର୍ମୀ, ଯୋଗାଣ ସହାୟକ, କିଶୋର ବାଳକ ବାଳିକା ଯୋଗ ଦେଇଥିଲେ। ସାବୁଲିଆ ତିନି କେନ୍ଦ୍ରର ଅଙ୍ଗନୱାଡି ସହାୟିକା ଶାନ୍ତିଲତା ଦଳାଇ ଦୁଇଜଣ କିଶୋର କିଶୋରୀଙ୍କୁ ସଭାରେ ଉପସ୍ଥିତ କରାଇ ପୁରସ୍କୃତ କରାଯାଇଥିଲା।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ


ଗିରଫ ଅଭିଯୁକ୍ତ


ଜବତ ଗଞ୍ଜେଇ

ବ୍ରହ୍ମପୁର ଅଫିସ,୧୬ା୯

ଗଜପତିରୁ ନିୟମିତ ବ୍ୟବଧାନରେ ଗଞ୍ଜେଇ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଛି। ଏହାକୁ ରୋକିବା ପାଇଁ ଉଭୟ ଅବକାରୀ ଓ ପୋଲିସ ବିଭାଗ ସଜାଗ ରହିଛି। ଏପରିକି କିଛି ଦିନ ହେବ ସହର ଓ ତଳି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚୋରା ଗଞ୍ଜେଇ ଓ ନକଲି ମଦ ଜବତ ଜାରି ରହିଛି। ଶୁକ୍ରବାର ଅବକାରୀ ଗୋଇନ୍ଦା ବିଭାଗ ଗୋପାଳପୁର ଜଙ୍କସନରୁ ଏକ କାରରୁ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀ ବାଦପୁର ଥାନା ଅନ୍ତର୍ଗତ ତୁଘାଲଖଦ ଗ୍ରାମର ମୋହସିନ ଅଂଶାରୀ (୩୨), ଉତ୍ତରପ୍ରଦେଶ ମେରୁଟ ଅଞ୍ଚଳର ଜିତେନ୍ଦ୍ର କୁମାର(୩୪), ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳର ସୋମନାଥ ରଇତ (୨୪) ଓ ବିଧାନ ସିଂ(୨୨)। ଜେରା ବେଳେ ଅଭିଯୁକ୍ତମାନେ ଗଜପତି ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ନୂଆଦିଲ୍ଲୀ ଚାଲାଣ କରିଥାନ୍ତେ ବୋଲି ଅବକାରୀ ପୋଲିସ ଜାଣିବାକୁ ପାଇଛି। ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଉପଆୟୁକ୍ତ(ଦକ୍ଷିଣାଞ୍ଚଳ) ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଗଜପତିରୁ ବ୍ରହ୍ମପୁର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ମିଳିବା ପରେ ଅବକାରୀ ଟିମ୍ ଗୋପାଳପୁରଠାରେ ପାଟ୍ରୋଲିଂ କରୁଥିଲେ। ସେହି ରାସ୍ତା ଦେଇ ଆସୁଥିବା କାର (ନଂ ଡ଼ିଏଲ ୪ସି ଏ ଏମ୍ -୨୧୩୩)କୁ ଉକ୍ତ ଟିମ୍ ଅଟକାଇଥିଲା। ଯାଞ୍ଚ ବେଳେ ଉକ୍ତ କାରରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଅବକାରୀ ଟିମ୍ କାର ସହ ସେଥିରେ ଥିବା ୧୦୦ କେଜି ଗଞ୍ଜେଇ ଜବତ କରିଥିବା କହିଛି। ଚେକିଂ ବେଳେ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏଏସ୍‌ଆଇ ବ୍ରଜବିହାରୀ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

**ଗଜପତିରୁ ବ୍ରହ୍ମପୁର ଦେଇ ଦିଲ୍ଲୀ ଚାଲାଣ**

# ଆଦର୍ଶ ବିଦ୍ୟାଳୟରେ ଖାଦ୍ୟ ମାନ ଯାଞ୍ଚ

**କୋଟଗଡ଼ରେ ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା**

କୋଟଗଡ,୧୬ା୯(ଡି.ଏନ.ଏ.)

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଗୁରୁବାର କୋଟଗଡ଼ ଗସ୍ତ କରି ବ୍ଲକରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କୋଟଗଡ଼ ବ୍ଲକର ସମସ୍ତ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା ସହ ବିଭିନ୍ନ ନଥିପତ୍ର ଯାଞ୍ଚ କରିବା ଦେଖିବାକୁ ମିଳିଛି। ଯାଞ୍ଚ ପରେ ସେ କୋଟଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନର ମାନ ଦେଖିଥିଲେ ଓ ଛାତ୍ର ଛାତ୍ରୀଙ୍କ ପାଠପଢା ଉପରେ ପଚାରି ବୁଝିଥିଲେ। ପରେ ହଷ୍ଟେଲ କୋଠା ନିରୀକ୍ଷଣ କରିଥିଲେ। ପରେ ସରକାରୀ ସେବାଶ୍ରମ ନୂଆଗାଁ ଯାଇ ସେଠାରେ ବି ମଧ୍ୟାହ୍ନ ଭୋଜନର ମାନ ନିରୀକ୍ଷଣ କରିଥିଲେ। ସେଠାକାର ଛାତ୍ରୀମାନଙ୍କୁ ସଫାସୁତରା ରହିବା, ପରିବେଶ ସଫା ରଖିବା ଓ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। କୋଟଗଡ଼କୁ ଜିଲାପାଳଙ୍କ ଏହା ଦ୍ୱିତୀୟ ଗସ୍ତ। ଏହି ଖବର ପାଇ ଦୂରଦୂରାନ୍ତରୁ ସମସ୍ୟା ନେଇ ଆସିଥିବା ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ନ ପାରି ନିରାଶରେ ଫେରିଯିବା ଦେଖିବାକୁ ମିଳିଛି।


ଜିଲାପାଳ ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନେଇନାହାନ୍ତି ପ୍ରିକଶନ ଡୋଜ୍

ଛତ୍ରପୁର,୧୬ା୯(ଡି.ଏନ.ଏ.)

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାରେ ଏବେ ବି ବହୁଲୋକ କରୋନା ଟିକା ନେଇ ନ ଥିବା ଜଣାପଡିଛି। ବିଶେଷ କରି ୧୮ ବର୍ଷରୁ ୫୯ ବୟସ୍କ ଲୋକ ୭୧ ପ୍ରତିଶତ ପ୍ରିକଶନ ଡୋଜ ଟିକା ନେଇ ନ ଥିବା ସିଡିଏମଓଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ବୟସ୍କ ପ୍ରିକଶନ ଡୋଜ ଟିକା ପାଇଁ ଜିଲାରେ ୨୦,୭୧,୬୦୫ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ମାତ୍ର ୨୯ ପ୍ରତିଶତ ହାରରେ ୬୦୬୧୦୬ ଲୋକ ଟିକା ନେଇଛନ୍ତି। ୧୪ ଲକ୍ଷ ୬୫ ହଜାର ୪୯୯ ଜଣ ଏହି ଟିକା ନେଇନାହାନ୍ତି। ଜିଲାରେ ୧୨ରୁ ୧୪ ବର୍ଷ ମଧ୍ୟରେ ପ୍ରଥମ ଡୋଜ ଟିକା ୧ ଲକ୍ଷ ୨୭ ହଜାର ୮୮୦ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ୧୧୩ ପ୍ରତିଶତ ହିସାବରେ ୧୪୪୭୨୪ ଜଣ ନେଇଛନ୍ତି। ସେହିଭଳି ୨ୟ ଡୋଜ ଟିକା ୧ ଲକ୍ଷ ୪୪ ହଜାର ୭୨୪ ଜଣଙ୍କ ମଧ୍ୟରୁ ୧ ଲକ୍ଷ ୧୫ ହଜାର ୨୦ ଜଣ ନେଇଛନ୍ତି ଯାହାକି ୭୯ ପ୍ରତିଶତ। ସେହିପରି ୧୫ରୁ ୧୭ ବର୍ଷ ମଧ୍ୟରେ ପ୍ରଥମ ଡୋଜ ଟିକା ୨ ଲକ୍ଷ ୧୪ ହଜାର ୯୨୪ ମଧ୍ୟରୁ ୯୮ ପ୍ରତିଶତ ହିସାବରେ ୨ ଲକ୍ଷ ୧୧ ହଜାର ୪୦୧ ଜଣ ନେଇଛନ୍ତି। ଦ୍ୱିତୀୟ ଡୋଜ ୧ ଲକ୍ଷ ୮୮ ହଜାର ୪୮୯ ଜଣ ନେଇଛନ୍ତି। ୧୮ ବର୍ଷରୁ ଅଧିକ ବୟସ୍କ ପ୍ରଥମ ଡୋଜ ଟିକା ୨୭ ଲକ୍ଷ ୨୨ ହଜାର ୯୦୬ ମଧ୍ୟରୁ ୯୮ ପ୍ରତିଶତ ହିସାବରେ ୨୬ ଲକ୍ଷ ୫୯ ହଜାର ୪୪୫ ଜଣ ନେଇଥିବା ବେଳେ ଦ୍ୱିତୀୟ ଡୋଜ ଟିକା ୨୬ ଲକ୍ଷ ୧୩ ହଜାର ୫୫୪ ଜଣ ନେଇଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ୨୫ ହଜାର ୯୦୨ରୁ ପ୍ରଥମ ଡୋଜ ଟିକା ଶତପ୍ରତିଶତ ହୋଇଥିବା ବେଳେ ଦ୍ୱିତୀୟ ଡୋଜ ଟିକା ୨୪ ହଜାର ୯୬୯ ଜଣ ନେଇଛନ୍ତି। ସେହିପରି ପ୍ରିକଶନ ଡୋଜ ଟିକା ୮୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ୭୭୬ ଜଣ ନେଇଛନ୍ତି। ଯାହାକି ଏବେବି ୫ ହଜାର ୧୨୬ ଜଣ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରିକଶନ ଡୋଜ ଟିକା ନେଇନାହାନ୍ତି। ଫ୍ରଣ୍ଟ ଲାଇନ କର୍ମଚାରୀ ୨୧ ହଜାର ୬୫୦ ରୁ ପ୍ରଥମ ଡୋଜ ଟିକା ଶତପ୍ରତିଶତ ହୋଇଥିବା ବେଳେ ଦ୍ୱିତୀୟ ଡୋଜ ୨୦ ହଜାର ୮୫୪ ଜଣ ନେଇଛନ୍ତି। ପ୍ରିକସନ ଡୋଜ ଟିକା ୨୭ ହଜାର ୯୩୭ ଜଣ ନେଇଥିବା ଜଣାପଡିଛି। ବିଶେଷ କରି ୧୮ ରୁ ୫୯ ବୟସ୍କ ବ୍ୟକ୍ତିମାନେ ପ୍ରିକଶନ ଡୋଜ ଟିକା ବହୁ ମାତ୍ରରେ ନେଉ ନଥିବା ଜଣାପଡିଛି।

